# NATIONAL NEWS BULLETIN (ODIA)
## 15 May - 2026
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ହର୍ମୁଜ୍ ପ୍ରଣାଳୀ ଦେଇ ନିରାପଦ ଓ ଅବାଧ ଜାହାଜ ଚଳାଚଳକୁ ଭାରତର ସମର୍ଥନ ରହିଛି, କହିଲେ ପ୍ରଧାନମନ୍ତ୍ରୀ ।

– ପଞ୍ଚରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆବୁଧାବିଠାରେ ସଂଯୁକ୍ତ ଆରବ ଏମିରେଟସ୍ ରାଷ୍ଟ୍ରପତିଙ୍କ ସହ କଲେ ସାକ୍ଷାତ ଆଲୋଚନା ।

- ବିଶ୍ୱ ପ୍ରଶାସନ ବ୍ୟବସ୍ଥାରେ ସଂସ୍କାର ଏବଂ ଉନ୍ନତି ପାଇଁ ଅଙ୍ଗୀକାରବଦ୍ଧତା ଜଣାଇଲେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ।
- ଇନ୍ଧନ ବ୍ୟବହାର ହ୍ରାସ କରିବା ଆହ୍ୱାନକ୍ରମେ ଆଭାସୀ ମାଧ୍ୟମରେ ବିଭିନ୍ନ ମାମଲାର ଶୁଣାଣି ପାଇଁ ନିଷ୍ପତ୍ତି ନେଲେ ସୁପ୍ରିମ୍‌କୋର୍ଟ୍ ।
- ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ, କହିଲେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜିର ମ୍ୟାଚ୍‌ରେ ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ।

## ପିଏମ୍-ୟୁଏଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହର୍ମୁଜ୍ ପ୍ରଣାଳୀ ଦେଇ ନିରାପଦ ଏବଂ ଅବାଧ ଜାହାଜ ଚଳାଚଳକୁ ଭାରତର ସମର୍ଥନକୁ ପୁନଃ ପ୍ରକାଶ କରିଛନ୍ତି । ଆଞ୍ଚଳିକ ସ୍ଥିରତା ସହିତ ବିଶ୍ୱ ଶକ୍ତି ଏବଂ ଖାଦ୍ୟ ସୁରକ୍ଷା ଉପରେ ହର୍ମୁଜ୍ ପ୍ରଣାଳୀର ଗୁରୁତ୍ୱ ଉପରେ ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି । ଆବୁଧାବିରେ ସଂଯୁକ୍ତ ଆରବ ଏମିରେଟସ୍ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟଦ୍ ଅଲ୍ ନାହ୍ୟାନ୍‌ଙ୍କ ସହ ଆଲୋଚନା କାଳରେ ଶ୍ରୀ ମୋଦୀ ୟୁ.ଏ.ଇ. ଉପରେ ସାମ୍ପ୍ରତିକ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଶକ୍ତି, ନିବେଶ ଏବଂ ଯୋଗାଣ ଶୃଙ୍ଖଳ ସମେତ ବିଭିନ୍ନ କ୍ଷେତ୍ରରେ ୟୁ.ଏ.ଇ. ସହ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ପଞ୍ଚରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋଦୀ ୟୁ.ଏ.ଇ.ଠାରେ ପହଞ୍ଚିବା ପରେ ବିମାନ ବନ୍ଦରରେ ରାଷ୍ଟ୍ରପତି ନାହ୍ୟାନ୍ ବ୍ୟକ୍ତିଗତ ଭାବେ ତାଙ୍କୁ ସ୍ୱାଗତ କରିଥିଲେ । ୟୁ.ଏ.ଇ. ଆକାଶ ମଣ୍ଡଳରେ ଶ୍ରୀ ମୋଦୀଙ୍କ

ବିମାନ ପ୍ରବେଶ କରିବା ପରେ ଏଫ୍-୧୬ ଲଢୁଆ ବିମାନ ଏକ ସଙ୍ଗେ ଗତି କରି ବିମାନ ବନ୍ଦର ପର୍ଯ୍ୟନ୍ତ ପାଛୋଟି ନେଇଥିଲା । ୟୁ.ଏ.ଇ. ଗସ୍ତ ଅବସରରେ ଦୁଇ ରାଷ୍ଟ୍ର ମଧ୍ୟରେ କେତେକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଭାରତରେ ୟୁ.ଏ.ଇ. ୫ ବିଲିୟନ୍ ଆମେରିକୀୟ ଡଲାର୍ ନିବେଶ ପାଇଁ ଏହି ଅବସରରେ ଘୋଷଣା କରିଛି । ଭାଡିନାର୍‌ଠାରେ ଏକ ଜାହାଜ ମରାମତି କ୍ଲଷ୍ଟର୍ ସାମୁଦ୍ରିକ କ୍ଷେତ୍ର ପାଇଁ ଦକ୍ଷତା ବିକାଶ ଢାଞ୍ଚା, ସାମୁଦ୍ରିକ ସୁରକ୍ଷା, ସାଇବର ପ୍ରତିରକ୍ଷା ଏବଂ ସୂଚନା ଆଦାନପ୍ରଦାନ, ଶିଳ୍ପ ସହଯୋଗ ଓ ପ୍ରତିରକ୍ଷା କ୍ଷେତ୍ର ସହଯୋଗ ନେଇ ଉଭୟ ଦେଶ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ରାଷ୍ଟ୍ରପତି ନାହ୍ୟାନ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଏକ ସେରେବ୍ରାସ୍-ଚିପ୍ ପ୍ରଦାନ କରିଛନ୍ତି । ଏହା ଭାରତର ସୁପର କମ୍ପ୍ୟୁଟିଂ ବ୍ୟବସ୍ଥା ଏବଂ କୃତ୍ରିମ ବୁଦ୍ଧିମତା ଆଧାରିତ ମିଶନ୍‌କୁ ସଶକ୍ତ କରିବ । ଶ୍ରୀ ମୋଦୀ ରାଷ୍ଟ୍ରପତି ନାହ୍ୟାନ୍‌ଙ୍କୁ ଭାରତ ଗସ୍ତରେ ଆସିବାକୁ ଆମନ୍ତ୍ରଣ କରିଛନ୍ତି । ସଂଯୁକ୍ତ ଆରବ ଏମିରେଟସ୍ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନେଦରଲ୍ୟାଣ୍ଡସ୍ ଗସ୍ତରେ ଯାଇଛନ୍ତି ।

# ବ୍ରିକ୍ସ

ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀଗଣ ବିଶ୍ୱ ପ୍ରଶାସନ ବ୍ୟବସ୍ଥାରେ ସଂସ୍କାର ଏବଂ ଉନ୍ନତି ପାଇଁ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି । ନୂଆଦିଲ୍ଲୀରେ ବ୍ରିକ୍ସ ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକର

ନିର୍ଯାସରୁ ଏହି ସୂଚନା ମିଳିଛି । ସଦସ୍ୟ ରାଷ୍ଟ୍ରଗୁଡ଼ିକ ସମାନ, ବୈଧ, ଗଣତାନ୍ତ୍ରିକ ତଥା ଦାୟିତ୍ୱପୂର୍ଣ୍ଣ, ଆନ୍ତର୍ଜାତିକ ଏବଂ ବହୁପକ୍ଷୀୟ ବ୍ୟବସ୍ଥାକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସହମତ ହୋଇଛନ୍ତି । ଆନ୍ତର୍ଜାତିକ ଶାନ୍ତି ଏବଂ ସୁରକ୍ଷାକୁ ସୁଦୃଢ଼ କରିବାରେ ଏଭଳି ପ୍ରୟାସ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

ରାଜନୈତିକ ଏବଂ କୂଟନୈତିକ ପଦକ୍ଷେପ ମାଧ୍ୟମରେ ବୈଶ୍ୱିକ ଆହ୍ୱାନକୁ ପ୍ରତିହତ କରିବା ନେଇ ସଦସ୍ୟ ରାଷ୍ଟ୍ର ଗୁରୁତ୍ୱ ପ୍ରଦାନ କରିଛନ୍ତି । ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା ଦିଗରେ ବହୁପାକ୍ଷିକ ସମନ୍ୱୟ ଉପରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏକମତ ହୋଇଛନ୍ତି । ଭିତ୍ତିଭୂମି ବ୍ୟବସ୍ଥାରେ ସ୍ଥିରତାକୁ ସୁଦୃଢ଼ କରିବା ପାଇଁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା, ପ୍ରଯୁକ୍ତିବିଦ୍ୟା ସହଯୋଗକୁ ସୁଦୃଢ଼ କରିବା, ଶିଳ୍ପ ଅଭିବୃଦ୍ଧି, ବିଶ୍ୱ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଭାଗିତାକୁ ବୈଠକରେ ସ୍ୱାଗତ କରାଯାଇଛି ।

ବୈଠକ ଶେଷ ହେବା ପରେ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅର୍ଥନୈତିକ ସମ୍ପର୍କ ସଚିବ ସୁଧାକର ଡାଲେଲା କହିଛନ୍ତି, ନବସୃଜନ, ସହଯୋଗ ଏବଂ ନିରନ୍ତରତା ପାଇଁ ନିର୍ମାଣ ପ୍ରସଙ୍ଗ ଆଧାରିତ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଉଚ୍ଚପ୍ରଶଂସା କରିଛନ୍ତି । ବୈଠକରେ ସୁରକ୍ଷା,

ଅର୍ଥନୈତିକ ଏବଂ ଆର୍ଥିକ ସହଯୋଗ ଓ ସାଂସ୍କୃତିକ ତଥା ଲୋକସମ୍ପର୍କ ଆଧାରିତ ମତବିନିମୟ ହୋଇଥିବା ଶ୍ରୀ ଡାଲେଲା ସୂଚନା ଦେଇଛନ୍ତି ।

## ଏସ୍‌ସି-ଭର୍ଚୁଆଲ୍ ହିୟରିଂ

ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତି ମଧ୍ୟରେ ଇନ୍ଧନ ବ୍ୟବହାର ହ୍ରାସ କରିବା ଆହ୍ୱାନ ଆଧାରରେ ସୁପ୍ରିମ୍‌କୋର୍ଟ ଏଣିକି ବିଭିନ୍ନ ମାମଲାର ଆଭାସୀ ମାଧ୍ୟମରେ ଶୁଣାଣି କରିବେ । ସୁପ୍ରିମ୍‌କୋର୍ଟର ମହାସଚିବ ଭାରତ ପରାସରଙ୍କ ଦ୍ୱାରା ଏ ସଂକ୍ରାନ୍ତ ଏକ ଇସ୍ତାହାର ଜାରି କରାଯାଇଛି । ଯାନବାହନ ଇନ୍ଧନର ସର୍ବୋଚ୍ଚ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ କାର୍ ପୁଲିଂ ବ୍ୟବସ୍ଥାକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ବିଚାରପତିଗଣ ସଂକଳ୍ପ ନେଇଥିବା ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ କୁହାଯାଇଛି । ସୁପ୍ରିମ୍‌କୋର୍ଟର ପ୍ରତ୍ୟେକ ବିଭାଗର ୫୦ ପ୍ରତିଶତ କର୍ମଚାରୀ ସପ୍ତାହରେ ଦୁଇ ଦିନ ପର୍ଯ୍ୟନ୍ତ ଘରୁ କାମ କରିବାକୁ ଅନୁମତି ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇନ୍ଧନ ବ୍ୟବହାର ହ୍ରାସ ଏବଂ ଅନାବଶ୍ୟକ ଖର୍ଚ୍ଚ ଏଡ଼ାଇବା ପାଇଁ କରିଥିବା ଆହ୍ୱାନ ପରିପ୍ରେକ୍ଷୀରେ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ଇରାନ୍-ଏଫ୍‌ଏମ୍

ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ ଅର୍ଘାଚୀ କହିଛନ୍ତି, ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଅର୍ଘାଚୀ କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ଦେଇ ସବୁ ଜାହାଜକୁ ଚଳାଚଳ କରିବାରେ ସହଯୋଗ ପ୍ରଦାନ କରିବାରେ ଇରାନ୍ ପ୍ରସ୍ତୁତ ଅଛି ବୋଲି ଶ୍ରୀ ଅର୍ଘାଚୀ କହିଛନ୍ତି । ତେବେ ସେଠାକାର ପରିସ୍ଥିତି ଏବେ ଗମ୍ଭୀର ରହିଛି । ପଶ୍ଚିମ ଏସିଆ ପରିସ୍ଥିତି ଆଲୋଚନା ମାଧ୍ୟମରେ ହିଁ ସମାଧାନ ହୋଇପାରିବ ବୋଲି ଶ୍ରୀ ଅର୍ଘାଚୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏ କ୍ଷେତ୍ରରେ ଭାରତର ଯେକୌଣସି ପ୍ରକାର ଗଠନ ମୂଳକ ପ୍ରୟାସକୁ ଇରାନ୍ ସ୍ୱାଗତ କରିବ ବୋଲି ସେ କହିଛନ୍ତି । ବ୍ରିକ୍ସ ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକରେ ଯୋଗଦେବା ପାଇଁ ଶ୍ରୀ ଅର୍ଘାଚୀ ଏବେ ନୂଆଦିଲ୍ଲୀରେ ଅଛନ୍ତି ।

# ଡବ୍ଲ୍ୟୁବି-ସସ୍‌ପେନ୍‌ସନ୍

କୋଲକାତା ଆର୍.ଜି.କର୍ ମେଡିକାଲ୍ କଲେଜ୍ ମାମଲା ସହିତ ଜଡ଼ିତ ତିନି ଜଣ ଆଇ.ପି.ଏସ୍. ଅଧିକାରୀଙ୍କୁ ପଶ୍ଚିମବଙ୍ଗ ସରକାର ନିଲମ୍ବନ କରିଛନ୍ତି । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ

ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ରାଜ୍ୟ ସରକାର ସେମାନଙ୍କ ବିରୁଦ୍ଧରେ ବିଭାଗୀୟ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କର୍ତ୍ତବ୍ୟରେ ଅବହେଳା, ପୀଡ଼ିତାଙ୍କ ପିତାମାତାଙ୍କୁ ଅର୍ଥ ପ୍ରଦାନ ଅଭିଯୋଗ ଏବଂ ସରକାରୀ ଅନୁମତି ବିନା ଗଣମାଧ୍ୟମକୁ ସମ୍ବୋଧନ କରିବା ନେଇ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ରହିଛି । କୋଲକାତା ପୁଲିସ୍‌ର ପୂର୍ବତନ କମିଶନର୍ ବିନିତ୍ ଗୋୟଲ, ପୂର୍ବତନ କେନ୍ଦ୍ରଶାଖା ଉପ-କମିଶନର୍ ଇନ୍ଦିରା ମୁଖାର୍ଜୀ ଏବଂ ପୂର୍ବତନ ଉପ-ଉତ୍ତର ଭାଗ କମିଶନର୍ ଅଭିଶେକ ଗୁପ୍ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ୨୦୨୪ ଅଗଷ୍ଟ ମାସରେ ଆର୍.ଜି.କର୍ ମେଡିକାଲ କଲେଜ୍‌ରେ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଏବଂ ହତ୍ୟା କରାଯାଇଥିଲା ।

## ରାଜନାଥ ସିଂହ-ଡିଫେନ୍ସ ପ୍ରୋଜେକ୍ଟସ୍

ଆନ୍ଧ୍ରପ୍ରଦେଶର ଶ୍ରୀ ସତ୍ୟସାଇ ଜିଲ୍ଲା ଅନ୍ତର୍ଗତ ପୁଟ୍ଟପର୍ତ୍ତୀ ଠାରେ ଆଡ୍‌ଭାନ୍ସ ମିଡିୟମ୍ କମ୍ବାଟ୍ ଏୟାର୍‌କ୍ରାଫ୍ଟ ପ୍ରୋଗ୍ରାମ୍ ବ୍ୟବସ୍ଥାର ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ସମାବେଶକୁ ସମ୍ବୋଧନ କରି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଆତ୍ମନିର୍ଭର ଭାରତ ଏବଂ ମେକ୍‌ଇନ୍ ଇଣ୍ଡିଆ ପ୍ରତିରକ୍ଷା ଦୃଷ୍ଟିକୋଣରେ ଆନ୍ଧ୍ରପ୍ରଦେଶ ଏକ ପ୍ରମୁଖ ସ୍ତମ୍ଭ ଭାବରେ ପ୍ରତୀୟମାନ ହେଉଛି । ନୂତନ ଭାବରେ ଆରମ୍ଭ ହୋଇଥିବା ପ୍ରତିରକ୍ଷା ପ୍ରକଳ୍ପଗୁଡ଼ିକ ଜାତୀୟ ସୁରକ୍ଷାକୁ ମଜବୁତ୍ କରିବା ସହିତ ଦେଶର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଯୁବପିଢ଼ିଙ୍କ ପାଇଁ ବ୍ୟାପକ ନିଯୁକ୍ତିସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ସିଂହ କହିଛନ୍ତି । ପ୍ରକୃତ ଜାତୀୟ ସୁରକ୍ଷା ଆତ୍ମନିର୍ଭରତା ଉପରେ ପର୍ଯ୍ୟବେଶିତ ହେବା ଉଚିତ୍ ବୋଲି ସେ କହିଛନ୍ତି । ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନକୁ ଆତ୍ମବିଶ୍ୱାସୀ ଭାରତର ମୂଳଦୁଆ ଭାବେ ଶ୍ରୀ ସିଂହ ବର୍ଣ୍ଣନା କରିଛନ୍ତି ।

**VO-R.Singh**

ପ୍ରତିରକ୍ଷା କ୍ଷେତ୍ରରେ ଦେଶର ପରିବର୍ତ୍ତନ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଅଧୀନରେ ଘରୋଇ ପ୍ରତିରକ୍ଷା ଉତ୍ପାଦନ ଏବେ ୧ ଲକ୍ଷ ୫୪ ହଜାର କୋଟି ଟଙ୍କାରେ ପହଞ୍ଚିଛି । ପ୍ରତିରକ୍ଷା ରପ୍ତାନୀ ପ୍ରାୟ ୪୦ ହଜାର କୋଟି ଟଙ୍କା ହୋଇଥିବା ସେ କହିଛନ୍ତି । ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାକୁ ପରିବର୍ତ୍ତନର ଏକ ପ୍ରମୁଖ କ୍ଷେତ୍ର ଭାବେ ବର୍ଣ୍ଣନା କରି ଶ୍ରୀ ସିଂହ କହିଛନ୍ତି, କୁର୍ଣ୍ଣୁଲ୍‌ରେ କାର୍ଯ୍ୟକାରୀ ଥିବା ୮ଟି ଡ୍ରୋନ୍ କମ୍ପାନୀ ମେକ୍ ଇନ୍ ଇଣ୍ଡିଆ ଅଭିଯାନର ପ୍ରକୃତ ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ

କରୁଛି । ଏହାଦ୍ୱାରା ଭାରତର ପ୍ରଯୁକ୍ତିବିଦ୍ୟା କ୍ଷମତା ଅଧିକ ମଜବୁତ ହୋଇପାରିବ ।

## ଆଇପିଏଲ୍

ଆଇପିଏଲ କ୍ରିକେଟରେ ଆଉ ଅଳ୍ପ ସମୟ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଓ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

## ସାଉଥ୍‌ୱେଷ୍ଟ-ମନ୍‌ସୁନ୍

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୨୬ ତାରିଖରେ କେରଳମ୍‌ରେ ପ୍ରବେଶ କରିବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ତେବେ ପ୍ରବେଶ ଦିବସରେ ୪ ଦିନ ଆଗପଛ ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି । ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳମ୍‌ରେ ଜୁନ୍ ପହିଲାରେ ପ୍ରବେଶ କରିଥାଏ । ପାଣିପାଗ ବିଭାଗ କହିଛି, ଆଗାମୀ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ

ନିକୋବର ଦ୍ୱିପପୁଞ୍ଜର କିଛି ଅଞ୍ଚଳରେ ଦକ୍ଷିଣ ପଶ୍ଚିମ ମୌସୁମୀ ଆଗମନ ନେଇ ପରିସ୍ଥିତି ଅନୁକୂଳ ରହିଛି ।